ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ଡିସେମ୍ବର, ୨୦୨୦

## ପୋଖରୀରେ ବୁଡ଼ି ଯୁବକ ମୃତ

ରସୁଲପୁର(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ ବାରବାଟୀ ଗ୍ରାମର ଜଣେ ଯୁବକ ବୁଧବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ପୂର୍ବତନ ଜିଲାପିରଷଦ ସୁଧୀର ନାୟକଙ୍କ ସାନପୁଅ ସୁନୀଲ ନାୟକ(୩୩)। ସୁନୀଲ ଅପରାହ୍ଣରେ ଶୌଚହେବାକୁ ବାରି ପଛ ପଟ ପୋଖରୀକୁ ଯାଇଥିଲେ। ତେବେ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ସୁନୀଲଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ମୂକବଧିର ଯୁବକଙ୍କ ମୃତ୍ୟୁ

ଯାଜପୁର ରୋଡ,୧୬।୧୨ (ଡି.ଏନ.ଏ.): ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟେଶନର ପୂର୍ବଦିଗ ଫାଟକ ନିକଟରେ ବୁଧବାର ପୂର୍ବାହ୍ଣ ୯ଟା୪୦ରେ ଟ୍ରେନ୍ ଧକ୍କାରେ ଜଣେ ମୂକ ଓ ବଧିର ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ତରୁଆ ଗ୍ରାମର ଅର୍ଜୁନ ଭଞ୍ଜ(୩୭)। ଦୁର୍ଘଟଣାରେ ଭଞ୍ଜ ଗୁରୁତର ହୋଇଥିଲେ। ଏହାଦେଖି ସାମାଜିକ କର୍ମୀ ରାକେଶ ରାଉତ ଓ ଅନ୍ୟମାନେ ତାଙ୍କୁ ଯାଜପୁରରୋଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଂରକ୍ଷିତ ଜଙ୍ଗଲରୁ ୯ ଶାଳ ଲଗ୍ ଜବତ

ଦଶପଲ୍ଲା, ୧୬।୧୨( ଡି.ଏନ.ଏ.): ଦଶପଲ୍ଲା ବ୍ଲକ ସାକେଣୀ ନିକଟ ପଙ୍କାଳସାହି ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୯ଟି ଶାଳ ଲଗ୍‌କୁ ଜବତ କରାଯାଇଛି। କାଠଗୁଡିକୁ ଉକ୍ତ ସଂରକ୍ଷିତ ଜଙ୍ଗଲରୁ କଟାଯାଇ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ରଖା ଯାଇଥିଲା। ଅନ୍ଧାରର ସୁଯୋଗ ନେଇ କାଠ ବେପାରି ଫେରାର ହୋଇଯାଇଥିଲେ ବୋଲି ଫରେଷ୍ଟର କହିଛନ୍ତି। ଏ ସମ୍ପର୍କରେ ଦଶପଲ୍ଲା ରେଞ୍ଜର ନିଖିଳେଶ ମଲ୍ଲିକଙ୍କୁ ପଚାରିବାରେ ରାତି ୩ଟା ପର୍ଯ୍ୟନ୍ତ ବନ କର୍ମଚାରୀ ପାଟ୍ରୋଲିଂ କରୁଥିଲେ। ସେମାନେ ଫେରିବା ପରେ କେତେଜଣ ଲୋକ କରତରେ କାଠ କାଟିଥିବା ଜଣାଯାଇଛି।

### ନିଶିମଳା ଗ୍ରାମରେ ମାଙ୍କଡ଼ ଆତଙ୍କ

**ଧରିପାରୁନି ବନ ବିଭାଗ**

ଯାଜପୁର ଅଫିସ,୧୬।୧୨: ବଡ଼ଚଣା ବ୍ଲକ ସୁଙ୍ଗୁଡ଼ା ପଞ୍ଚାୟତ ଅଧୀନ ନିଶିମଳା ଗ୍ରାମରେ ଦୀର୍ଘ ଦିନ ହେଲା ଏକ ମାଙ୍କଡ଼ ଆତଙ୍କ ଖେଳାଇ ଚାଲିଛି। ଏହି ମାଙ୍କଡ଼ କାମୁଡ଼ାରେ ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହାସହ ମାଙ୍କଡଟି ଗାଡ଼ିଗୁଡ଼ିକର ଟାୟାରକୁ ତାର ଦାନ୍ତରେ କାଟି ପଞ୍ଚର କରିଦେଉଛି। ଫଳରେ ଏହି ଗ୍ରାମକୁ ଦୂର ଦୂରାନ୍ତରୁ ଆସିବାକୁ ଲୋକେ ଭୟ କରୁଛନ୍ତି। ଗତ ମାସରେ ବଡଚଣା ବିଧାୟକ ଅମରପ୍ରସାଦ ଶତପଥୀ ନିଶିମଳା ଗ୍ରାମକୁ ଯାଇଥିବାବେଳେ ମାଙ୍କଡ଼ ତାଙ୍କ ଗାଡ଼ିକୁ ଆକ୍ରମଣ କରିଥିଲା। ବିଧାୟକ ତତ୍‌କ୍ଷଣାତ୍ ବନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକ୍ରଷଣ କରିଥିଲେ। ମାତ୍ର ବନ ବିଭାଗର କର୍ମଚାରୀ ଉକ୍ତ ଗ୍ରାମକୁ ସଦଳବଳ ୫ ରୁ ୭ ଥର ଆସି ନିରାଶ ହୋଇ ଫେରୁଛନ୍ତି। ବୁଧବାର ଚଣ୍ଡିଖୋଲ ଅଞ୍ଚଳର ଖବରଦାତା ମୋହନ ଖିଲାରଙ୍କ ଝିଅଙ୍କୁ ଉକ୍ତ ମାଙ୍କଡ଼ କାମୁଡ଼ିବା ସହ ତାଙ୍କ ଘରେ ପଶି ପରିବାର ଲୋକଙ୍କୁ ଭୟଭିତ କରାଇଦେଇଛି। ଏହି ବିଷୟରେ ବନ ବିଭାଗ ଅଧିକାରୀ ଶଶିଭୁଷଣ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ମାଙ୍କଡକୁ ଧରିବାକୁ ଉଦ୍ୟମ ଜାରି ରହିଛି।

### ଏଟିଏମ୍‌ରୁ ଟଙ୍କା ବାହାରିଲାନି, ଆକାଉଣ୍ଟରୁ କଟିଗଲା ୨୦ ହଜାର

ନୟାଗଡ଼ ଅଫିସ,୧୬।୧୨: ଏଟିମ୍‌ରୁ ଟଙ୍କା ଉଠାଉଥିବାବେଳେ ଜଣେ ଖବରଦାତାଙ୍କର ୨୦ ହଜାର ଟଙ୍କା ଉଠାଣ କରିଥିବା ସ୍ଲିପ ଆସିଥିଲା। ଆକାଉଣ୍ଟରୁ ଟଙ୍କା କଟିଥିବା ମୋବାଇଲକୁ ମେସେଜ୍ ଆସିଲା। ହେଲେ ଟଙ୍କା ବାହାରି ନ ଥିଲା। ବୁଧବାର ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ରେ ଥିବା ପଞ୍ଜାବ ନାଶନାଲ ବ୍ୟାଙ୍କ ଏଟିଏମ୍‌ରୁ ଖବରଦାତା ରବୀନ୍ଦ୍ର ପଟ୍ଟନାୟକ ୨୦ ହଜାର ଟଙ୍କା ଉଠାଇବା ପାଇଁ ଅପ୍‌ସନ ଦେଇଥିଲେ। ତେବେ, ଟଙ୍କା ନ ଉଠି ହଠାତ୍ ତାଙ୍କ ଆକାଉଣ୍ଟରୁ ଟଙ୍କା କଟି ଯାଇଥଲା। ପରେ ସରି, ଏଟିଏମ୍ ଇଜ୍ ଆଉଟ ଅଫ୍ ଅର୍ଡ଼ର ଲେଖା ଆସିଥିଲା। ପରେ ସେ କଷ୍ଟମର କେୟାର ନଂ. ସହିତ ଯୋଗାଯୋଗ କରି ଏ ସମ୍ପର୍କରେ କମ୍ପ୍ଲେନ ଦାଏର କରିଥିଲେ। ଏହି କମ୍ପ୍ଲେନ ସମ୍ପର୍କରେ ଏକ ନମ୍ବର ମଧ ତାଙ୍କ ମୋବାଇଲ ମେସେଜକୁ ଆସିଥିଲା। ପରବର୍ତ୍ତୀ ସମୟରେ ତାଙ୍କର ଆକାଉଣ୍ଟ ରହିଥିବା ନୟାଗଡ଼ କଲେଜ ରୋଡ଼ରେ ଥିବା ପିଏନ୍‌ବି ବ୍ରାଞ୍ଚକୁ ଯାଇ ପଟ୍ଟନାୟକ ମ୍ୟାନେଜରଙ୍କୁ ଦେଖା କରି ଏହା ଜଣାଇଥିଲେ।

# ୨୨୦ ଡାକ୍ତର ପଦବୀରୁ ୧୨୨ ଖାଲି

ଜଗତ୍‌ସିଂହପୁର ଅଫିସ, ୧୬।୧୨

**ଜଗତ୍‌ସିଂହପୁର ଜିଲାରେ ସ୍ୱାସ୍ଥ୍ୟସେବା**
- ଜିଲା ମୁଖ୍ୟ ଚିକିତ୍ସାଳୟର ୫୮ ପଦବୀରୁ ୨୪ରେ ଚାଲିଛି ସେବା
- ଜିଲା ଆରମ୍ଭରୁ ଶଯ୍ୟାସଂଖ୍ୟା ୧୨୬ରେ ସୀମିତ
- ସିଟି ସ୍କାନ୍, ଏମ୍‌ଆର୍‌ଆଇ, ଅଲଟ୍ରାସାଉଣ୍ଡ ସୁବିଧା ନାହିଁ



ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୁଧାର ପାଇଁ ମୋ ସରକାର କାର୍ଯ୍ୟକାରୀ ହେଉଥିବା ଦର୍ଶାଯାଉଛି। ହେଲେ ଏହାର ସୁଫଳ ଲୋକଙ୍କୁ ମିଳୁ ନାହିଁ ବୋଲି ଗୁରୁତର ଅଭିଯୋଗ ହେଉଛି। ୧୯୯୩ରେ ଜଗତ୍‌ସିଂହପୁର ଜିଲା ମାନ୍ୟତା ପାଇବା ପରଠାରୁ ଏ ଯାବତ ଜିଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ୧୨୬ରେ ଅପରିବର୍ତ୍ତିତ ରହିଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ବନିମ୍ନ ୩୦୦ ଶଯ୍ୟାର ଆବଶ୍ୟକତା ରହିଛି। ଅନ୍ୟପକ୍ଷେ ଜିଲାରେ ମୋଟ ୨୨୦ ଡାକ୍ତର ପଦବୀ ମଧ୍ୟରୁ ଅର୍ଦ୍ଧାଧିକ ଅର୍ଥାତ୍ ୧୨୨ଟି ଡାକ୍ତର ପଦବୀ ଖାଲି ପଡିଥିବାରୁ ସ୍ୱାସ୍ଥ୍ୟସେବା ବିଗିଡିବାରେ ଲାଗିଛି। ସରକାରୀ ଭାବେ ଏତିକି ଡାକ୍ତର ପଦବୀ ଖାଲି ପଡିଥିବା କୁହାଯାଉଥିଲେ ସୁଦ୍ଧା ବାସ୍ତବରେ ଏହି ସଂଖ୍ୟା ଅଧିକ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁମୋଦିତ ଡାକ୍ତର ପଦବୀ ସଂଖ୍ୟା ୫୮ରୁ ୩୪ଟି ଖାଲି ପଡିଛି। ସବୁଠାରୁ ବଡ କଥା ହେଲା ଜଣେ ନିଶ୍ଚେତକରେ ସେବା ଚାଲିଥିଲା। ଏହି ପଦବୀଟି ମଧ ମଙ୍ଗଳବାର ଖାଲି ହୋଇଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ୧୨୬ ଶଯ୍ୟା ମଧ୍ୟରୁ ଭେଷଜରେ ୨୪, ଶଲ୍ୟ ୨୪, ପ୍ରସୂତି ୨୪, ଶିଶୁରୋଗ ୨୪, ଟିବି/ସିଡି ୪, ଚକ୍ଷୁ ୨୦ ଓ ହଇଜାରେ ୬ଟି ରହିଛି। ହେଲେ ଏତେ କମ୍ ସଂଖ୍ୟକ ଶଯ୍ୟା ଥିବାରୁ ରୋଗୀମାନଙ୍କୁ ବାରଣ୍ଡା ଓ ତଳେ ରହି ଚିକିତ୍ସିତ ହେବାକୁ ପଡୁଛି। ଭିତିଭୂମି ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଚିକିତ୍ସାଳୟ ପକ୍ଷରୁ ସଫେଇ ଦିଆଯାଇଥିଲେ ହେଁ ତାହା ଲୋକଙ୍କ ଅସନ୍ତୋଷକୁ ପ୍ରଶମିତ କରିପାରୁନାହିଁ। ଅନ୍ୟପକ୍ଷରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଯଥା ଜିଲା ମେଡ଼ିକାଲ ଅଫିସର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି), ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ) ପଦବୀ ଖାଲି ପଡିଛି। ଏହାବାଦ୍ ସ୍ତ୍ରୀ ଓ ପ୍ରସୂତି ରୋଗ, ଶିଶୁ, ଶଲ୍ୟ, ଚକ୍ଷୁ ଓ ନିଶ୍ଚେତକ ବିଭାଗର ବରିଷ୍ଠ ପରାମର୍ଶଦାତାମାନେ ନାହାନ୍ତି। ଅସ୍ଥିଶଲ୍ୟ, ଚର୍ମରୋଗ ଓ ଟିବି ଆଦିର ପରାମର୍ଶଦାତା ପଦବୀ ପୂରଣ ହୋଇ ପାରୁନାହିଁ। ୧ଟି ଜିଡିଏମ୍‌ଓ (ଜେନେରାଲ ଡ୍ୟୁଟି ମେଡିକାଲ ଅଫିସର), ୧ ବିବିଓ, ୧ ବରିଷ୍ଠ ଏମ୍‌ଓ, ଏସ୍‌ଏନ୍‌ସିୟୁରେ ଥିବା ୩ ଜିଡିଏମ୍‌ଓ ପଦବୀ ମଧ ଖାଲି ରହିଛି। ୨୫ଟି ଏଲ୍‌ଟିଆର୍‌ଏମ୍‌ଓ (ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର) ପଦବୀ ମଧ୍ୟରୁ ୧୫ଟି ପୂରଣ ହୋଇନି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ, ସିଟି ସ୍କାନ୍, ଏମ୍‌ଆର୍‌ଆଇ ଆଦି ସେବା ଉପଲବ୍ଧ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାତୃ ଶିଶୁ ୱାର୍ଡ (ଏମ୍‌ସିଏଚ୍) ବିଲ୍ଡିଂ ନିର୍ମାଣ ପାଇଁ ୧୭ କୋଟି ଟଙ୍କା ଅନୁଦାନ ଆସିଛି। କିନ୍ତୁ ଏହି ରାଶି ବିନିଯୋଗରେ ବିଳମ୍ବ ହେଉଛି। ଜିଲାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ଗୁଡିକରେ ମଧ ଡାକ୍ତର ଓ ପରାମର୍ଶଦାତା ପଦବୀ ଖାଲି ପଡିଛି। ପାରାଦୀପ ସିଏଚ୍‌ସିର ୧୧ ପଦବୀରୁ ୭, କୁଜଙ୍ଗର ୧୭ରୁ ୧୨, ଏରସମା ୧୬ରୁ ୬, ରଘୁନାଥପୁର ଓ ରେଡୁଆ ୨୪ରୁ ୧୪, ବାଲିକୁଦା ଓ ବୋରିକିନା ୨୬ରୁ ୧୩, ମଣିଜଙ୍ଗା ୧୯ରୁ ୧୪, ନାଉଗାଁ ୧୩ରୁ ୯, ବିରିଡ଼ି ୧୩ରୁ ୭ ଓ ମଣ୍ଡାସାହିର ୧୫ରୁ ୧୦ଟି ଖାଲି ପଡିଛି। ବିଶେଷକରି ପାରାଦୀପ, କୁଜଙ୍ଗ, ରଘୁନାଥପୁର, ବାଲିକୁଦା, ବିରିଡ଼ି ଓ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଓ ସ୍ତ୍ରୀ ରୋଗ ପରାମର୍ଶଦାତା ନାହାନ୍ତି। ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗରେ ସବୁବେଳେ ଭିଡ ଲାଗି ରହୁଛି। ଏସବୁ ପଦବୀ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

# ବରୀରେ ଚାଷୀଙ୍କ ଅନଶନ



ଅନଶନରେ ସାମିଲ ହୋଇଥିବା ଚାଷୀ।

ବରୀ,୧୬।୧୨(ଡି.ଏନ.ଏ.)

ଜାତୀୟସ୍ତରରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ ବୁଧବାର ବରୀ ଅଞ୍ଚଳର ଚାଷୀମାନେ ଅନଶନରେ ବସିଛନ୍ତି। ରତ୍ନଗିରି ପଞ୍ଚାୟତ ଅଲିଆବାଦ ଗ୍ରାମର ଅରୁଣେଶ୍ୱର ମନ୍ଦିର ପରିସରରେ ଚାଷୀମାନେ ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅନଶନରେ ବସିଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହସମ୍ପାଦକ ନିମାଇଁ ଚରଣ ରାୟ, କଂଗ୍ରେସ ନେତା ଉମେଶ ଜେନା, ପ୍ରାକ୍ତନ ସରପଞ୍ଚ ବାବାଜୀ ଚରଣ ଦାସ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ତ୍ରୁଟିପୂର୍ଣ୍ଣ କୃଷି ବିଲକୁ ପ୍ରତ୍ୟାହାର କରି ନେବାକୁ ଦାବି କରିଥିଲେ। ଅନଶନରେ ନରହରି ଦାସ, ଦିଗାମ୍ବର ରାଉତ, ମାଧବାନନ୍ଦ ଶାନ୍ତି, ସୁଦର୍ଶନ ଜେନା, ନଟବର ଦାସ, ଶ୍ରୀଧର ମଲ୍ଲ ଓ ମନୋଜ ଦାସଙ୍କ ସହ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୦ ତାରିଖ ପୂର୍ବାହ୍ଣ ୧୧ରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଚାଷୀମାନେ ନିଜ ଅଞ୍ଚଳରେ ସମ୍ମିଳିତ ହୋଇ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଚାଷୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା କରିବାକୁ ପ୍ରତ୍ୟେକ ଚାଷୀଙ୍କୁ ନବ ନିର୍ମାଣ କୃଷକ ସଂଗଠନ ବ୍ଲକ ସମ୍ପାଦକ ମାଧବାନନ୍ଦ ଶାନ୍ତି ନିବେଦନ କରିଛନ୍ତି।

# ପାରାଦୀପ ବନ୍ଦରର ୨ ନୂଆ ପ୍ରକଳ୍ପ ଉଦ୍‌ଘାଟନ

ପାରାଦୀପ, ୧୬।୧୨(ସ୍ୱ.ପ୍ର.)

**ଇମରଜେନ୍ସି ରେସ୍‌ପନ୍ସ ସେଣ୍ଟର, ପଣ୍ୟରେ ଅଟୋମେଟିକ୍ ପାଣି ସିଞ୍ଚନ**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବୁଧବାର ଦୁଇଟି ନୂତନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ସେଗୁଡ଼ିକ ହେଲା ଓଡ଼ିଶାର ପ୍ରଥମ ଇମରଜେନ୍ସି ରେସ୍‌ପନ୍ସ ସେଣ୍ଟର ଓ ନିଷିଦ୍ଧାଞ୍ଚଳରେ ଥିବା ପଣ୍ୟ ଉପରେ ଅଟୋମେଟିକ୍ ପାଣି ସିଞ୍ଚନ ବ୍ୟବସ୍ଥା। ଦୁଇଟି ଯାକ ପ୍ରକଳ୍ପର କଣ୍ଟ୍ରୋଲ ରୁମ୍ ବନ୍ଦର ୪ ନଂ. ଗେଟ୍ ପାଖରେ କରାଯାଇଛି। ସେହି ସ୍ଥାନରେ ଉକ୍ତ ପ୍ରକଳ୍ପକୁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

ପାରାଦୀପ ହେଉଛି ଅନ୍ୟତମ ବାତ୍ୟାପ୍ରବଣ ଅଞ୍ଚଳ। ଏଠାରେ ବିଗତ ବର୍ଷଗୁଡ଼ିକରେ ଅନେକ ବାତ୍ୟା ସାମ୍ନା କରିଛି। ଆଗାମୀଦିନରେ ମଧ ହୋଇପାରେ। ସେଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମୁକାବିଲା ପାଇଁ ଉକ୍ତ ରେସପନ୍ସ ସେଣ୍ଟର ସହାୟକ ହୋଇପାରିବ। ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପାଇଁ ଟାଉନଶିପରେ ଅଣ୍ଡରଗ୍ରାଉଣ୍ଡ କେବୁଲ ଅଛି। ସେହିଭଳି ବ୍ୟବସ୍ଥା ଏବେ ବନ୍ଦର ନିଷିଦ୍ଧାଞ୍ଚଳରେ କରାଯାଇଛି, ଯାହାଦ୍ୱାରା ବାତ୍ୟା ସମୟରେ ବିଦ୍ୟୁତ୍ ସେବା ଯୋଗାଇ ହେବ। ଯଦି କୌଣସି କାରଣବଶତଃ ଗ୍ରୀଡ୍ ଫେଲ ହୁଏ ସେତେବେଳେ ସମସ୍ତ ସବଷ୍ଟେଶନରେ ଉଚ୍ଚ କ୍ଷମତାସମ୍ପନ୍ନ ଜେନେରେଟର ରଖାଯାଇଛି। ଅନ୍ୟତମ ପ୍ରକଳ୍ପ ଅଟୋମେଟିକ୍ ପାଣି ସିଞ୍ଚନ ସମ୍ପର୍କରେ ଅଧ୍ୟକ୍ଷ ରାୟ କହିଥିଲେ, ପାରାଦୀପ ବନ୍ଦର ଦୁଇବର୍ଷ ତଳେ ଏସ୍‌ଟିପି (ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ)କରି ସାରିଛି। ଏହା ବନ୍ଦରାଞ୍ଚଳର ଉଦ୍‌ବୃତ୍ତ ଡ୍ରେନ ପାଣିକୁ ଶୋଧନ କରି ଶୁଦ୍ଧ ପାଣି ବାହାର କରିଥାଏ। ସେହି ପାଣିକୁ ଟ୍ୟାଙ୍କର ଯୋଗେ ଗଛରେ ଏବଂ ବନ୍ଦର ନିଷିଦ୍ଧାଞ୍ଚଳର ଥିବା ପଣ୍ୟ ଉପରେ ସିଞ୍ଚନ କରାଯାଏ। ଏବେ ସେହି ପାଣିକୁ ମାଟି ତଳେ ପାଇପଲାଇନ୍ ଯୋଗେ ନେବା ଏବଂ ସିଞ୍ଚନ ବ୍ୟବସ୍ଥା କରାଯାଇଛି। ଏହା ଅଟୋମେଟିକ୍ କାମ କରିବ। ଏମିତି ବ୍ୟବସ୍ଥାରେ ଟ୍ୟାଙ୍କର ଚଳାଚଳ ବନ୍ଦ ରହିବ ବୋଲି ରାୟ ସୂଚନା ଦେଇଥିଲେ।



ଟାଟାଷ୍ଟିଲ ମାଇନିଂ ଖଣିର ଜିଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଖଣିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି

କାଳିଆପାଣି,୧୬।୧୨(ଡି.ଏନ.ଏ.)

ସୁକିନ୍ଦା ଟାଟାଷ୍ଟିଲ ମାଇନିଂରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ନେଇ ଦାବି ହୋଇଛି। ଏନେଇ ବୁଧବାର ସୁକିନ୍ଦା ବ୍ଲକ ଅଧୀନ ରାଁସୋଲ ସରପଞ୍ଚ ବିଶ୍ୱଜିତ ମହାନ୍ତି, କାଳିଆପାଣି ସରପଞ୍ଚ କଳ୍ପନା ଜେନା, କାଙ୍କଡ଼ପାଳ ସରପଞ୍ଚ ସବିତା ମହାନ୍ତ, ୩୭ ନଂ ଜିଲାପରିଷଦ ସଭ୍ୟ ପ୍ରତାପ ପାତ୍ରଙ୍କ ସମେତ ସମିତି ସଭ୍ୟାସଭ୍ୟମାନେ ମିଳିତ ଭାବେ ଟାଟାଷ୍ଟିଲ ମାଇନିଂ ଖଣିର ଜିଏମ ଶୁଶାନ୍ତ ମିଶ୍ରଙ୍କୁ ଭେଟି ୬ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଟାଟା ଖଣିରେ କାର୍ଯ୍ୟ କରୁଥିବା ଅଟୋୱାଲ, ନାରାୟଣୀ, ସିଆଇଏଲର ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ଲୋଡିଂ ଶ୍ରମିକଙ୍କୁ ପୁନଃ କାର୍ଯ୍ୟ ଯୋଗାଣ, ନୂତନ ଠିକାଦାର ଡେକୋ କମ୍ପାନୀରେ ସ୍ୱଳ୍ପ ଦରମା ବଦଳରେ ସ୍କିଲ ଦରମା ପ୍ରଦାନ, କମର୍ଦ୍ଦା ଓ ସରୁଆବିଲ ଖଣିରେ ତୁରନ୍ତ କର୍ମଚାରୀଙ୍କୁ ନିଯୁକ୍ତି, କମର୍ଦ୍ଦା ଓ ସରୁଆବିଲ ଖଣିରେ ସ୍ଥାନୀୟ କଅଁସ ପଞ୍ଚାୟତ ଲୋକଙ୍କୁ ପ୍ରାଥମିକତାଭାବେ ନିଯୁକ୍ତି, ଖଣି ନିୟମ ଅନୁଯାୟୀ କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ସୁବିଧା ଯୋଗାଇବା ଆଦି ନେଇ ଦାବିପତ୍ରରେ ଦର୍ଶାଯାଇଛି। ସମାନଭାବେ କଳିଙ୍ଗନଗର ଏଡିଏମ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ କାଳିଆପାଣି ଥାନା ଅଧିକାରୀଙ୍କୁ ମଧ ଦାବିପତ୍ର ପ୍ରଦାନ କରାଯାଇଛି।

### ୩ୟ, ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା: ୩୪ ଅନୁପସ୍ଥିତ

ରସୁଲପୁର,୧୬।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକରେ ବୁଧବାର ୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୫୩ ବିଦ୍ୟାଳୟରୁ ୫୪୯ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୫୧୫ଜଣ ପରୀକ୍ଷା ଦେଇଥିବା ବେଳେ ୩୪ଜଣ ଅନୁପସ୍ଥିତ ରହିଛନ୍ତି। ୩ୟ ଶ୍ରେଣୀ ପାଇଁ ୨୮୧ଙ୍କ ମଧ୍ୟରୁ ୧୫ ଜଣ ଅନୁପସ୍ଥିତ ଥିଲେ। ୫ମ ଶ୍ରେଣୀ ପାଇଁ ୨୬୮ଙ୍କ ମଧ୍ୟରୁ ୧୯ ଜଣ ଅନୁପସ୍ଥିତ ଥିଲେ। ବ୍ଲକର ବ୍ରହ୍ମବରଦା ହାଜି ରହିମିଆଁ ହାଇସ୍କୁଲ, ମୁଗୁପାଳ ସରକାରୀ ବିଦ୍ୟାଳୟ, ଖଣ୍ଡିତର ସରକାରୀ ଉଚ୍ଚବିଦ୍ୟାଳୟ, ମଧୁବନ ସରକାରୀ ଉଚ୍ଚବିଦ୍ୟାଳୟରେ, ଓଡଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟ, ଆଦମପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଲା ପରୀକ୍ଷା ଦେଇଥିଲେ। ପରୀକ୍ଷା ଠିକ୍ ଭାବେ ପରିଚାଳନା କରାଯାଇଛି ବୋଲି ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର ସୂଚନା ଦେଇଛନ୍ତି।

# ଡୋଳିପୁରରେ ମା’ ବିରଜା ବିଶ୍ୱଶାନ୍ତି ଯଜ୍ଞ



ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଉଛି।

ଯାଜପୁରରୋଡ,୧୬।୧୨(ଡି.ଏନ.ଏ.)

ବ୍ୟାସନଗରର ପୁରାତନ ଡୋଳିପୁର ମା’ମଙ୍ଗଳା ପୀଠରେ ବିରଜା ବିଶ୍ୱଜ୍ୟୋତି ସେବା ସମିତି ଓ ଡୋଳିପୁର ଗ୍ରାମବାସୀଙ୍କ ସହଯୋଗରେ ମା’ ବିରଜା ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ କଳସ ଆବହନ, ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ଘୃତ ଯଜ୍ଞ ଓ ପ୍ରସାଦ ସେବନ ହୋଇଥିଲା। ସନ୍ଧ୍ୟାରେ ବିରଜା ଜ୍ୟୋତି ସେବା ସମିତି ସରଫରୁ ପ୍ରାର୍ଥନା କରାଯାଇଥିଲା। ବିଶ୍ୱରୁ କରୋନା ମହାମାରୀକୁ ଦୂର କରିବା ପାଇଁ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅନାମ ବଳ, ସନାତନ ସାହୁ, ରବୀନ୍ଦ୍ର ସାହୁ, ଗୋବର୍ଦ୍ଧନ ସାହୁ, ସତ୍ୟାନନ୍ଦ ସାହୁ, ବେଣୁଧର ପୃଷ୍ଟି, ଚନ୍ଦ୍ରଶେଖର ସାହୁ, ଦୀନବନ୍ଧୁ ସାମଲ, ହୃଷୀକେଷ ସାମଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀ ଜୟସିଂହ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ରାଜନଗର, ୧୬।୧୨(ଡି.ଏନ.ଏ.): ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣ ସାମ୍ବାଦିକ, ସାହିତ୍ୟିକ ଜୟସିଂହ ମହାପାତ୍ର ଶ୍ରଦ୍ଧାଞ୍ଜଳି ସଭାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କବି ଅଭିରାମ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ସାମାଜିକ କର୍ମୀ ବାସୁଦେବ ମିଶ୍ର ଉଦ୍‌ଘାଟନ କରିଥିଲେ। ଗାଳ୍ପିକ ପ୍ରଦୀପ ନାୟକ ଜୟସିଂହଙ୍କ ଉପରେ ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ଶଙ୍କର୍ଷଣ ମିଶ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ବିଜୟ କୁମାର ଜେନା, ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, କବି ଭବାନୀ ମହାପାତ୍ର, ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ।

# ବଦଳିବେ ପାରାଦୀପ ବନ୍ଦର ଅଧ୍ୟକ୍ଷ

ପାରାଦୀପ, ୧୬।୧୨(ସ୍ୱ.ପ୍ର.)




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ରିଙ୍କେଶ ରାୟ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଓ ଅନ୍ୟମାନେ।

ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟଙ୍କ କାର୍ଯ୍ୟକାଳ ଡିସେମ୍ବର ୨୨ରେ ଶେଷ ହେଉଛି। ତାଙ୍କର ପଦୋନ୍ନତି ହେବା ସହ ସେ ରେଲଓ୍ୱେରେ ଡିଆରଏମ୍ ହେବେ ବୋଲି ଜଣାପଡିଛି। ତାଙ୍କୁ ଏବେ ବିଭିନ୍ନ ସଙ୍ଗଠନର ବ୍ୟକ୍ତି, ଅନୁଷ୍ଠାନ ଆଦି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି। ଏହିକ୍ରମରେ ବୁଧବାର ବିଜେଡିର ଦୁଇଗୋଷ୍ଠୀ ପୃଥକ୍ ଭାବେ ସମ୍ବର୍ଦ୍ଧନା ଦେବା ଚର୍ଚ୍ଚାର କାରଣ ସାଜିଛି। ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରାୟଙ୍କୁ ସ୍ଥାନୀୟ ମଧୁବନସ୍ଥ ଅଫିସର କ୍ଲବ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ସେଥିରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଓ ପାରାଦୀପ ବିଜେଡି ନଗର ସଭାପତି ବସନ୍ତ ବିଶ୍ୱାଳ ପ୍ରମୁଖ ସମ୍ବର୍ଦ୍ଧନା ଦେଇଥିଲେ, ଯେଉଁଥିରେ ବିଜେଡିର ବହୁ ଆଗଧାଡ଼ିର କର୍ମୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବଡ଼ପଡ଼ିଆ ପୋର୍ଟ ବଣିକ ସଂଘ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା, ଯେଉଁଥିରେ ବିଜେଡିର ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ମୁଖ୍ୟ ପୁରୋଧା ଥିଲେ। ପାରାଦୀପ କଲେଜ ପକ୍ଷରୁ ମଧ ଅଧ୍ୟକ୍ଷା ସୁପ୍ରେମା କାନୁନ୍‌ଗୋଙ୍କ ନେତୃତ୍ୱରେ ରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନାଯୋଗ୍ୟ ରିଙ୍କେଶ ରାୟ ୨୦୧୫ ଡିସେମ୍ବର ୨୩ରେ ଅଧ୍ୟକ୍ଷ ଭାବେ ଯୋଗ ଦେଇଥିଲେ। ତାଙ୍କର ୫ ବର୍ଷ କାର୍ଯ୍ୟକାଳ ଆସନ୍ତା ୨୨ରେ ଶେଷ ହେବ। ନୂଆ ଅଧ୍ୟକ୍ଷ କିଏ ଆସିବେ ତାହା ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି।

### ଯାଜପୁର, ପୁରୀରେ ମେଡିକାଲ କଲେଜ ପ୍ରତିଷ୍ଠା ନିଷ୍ପତ୍ତିକୁ ପ୍ରଫୁଲ୍ଲଙ୍କ ସ୍ୱାଗତ

କଳିଙ୍ଗନଗର,୧୬।୧୨(ଡି.ଏନ.ଏ.)

ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ଯାଜପୁର ଏବଂ ପୁରୀଠାରେ ଦୁଇଟି ମେଡିକାଲ କଲେଜ ସ୍ଥାପନ ପାଇଁ କ୍ୟାବିନେଟରେ ଅନୁମୋଦନ ଦେଇଥିବାରୁ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏହାକୁ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ଏହି ମେଡିକାଲ କଲେଜ ଦୁଇଟି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ସହିତ ରାଜ୍ୟ ପାଇଁ ପ୍ରତିବର୍ଷ ଅଧିକ ଡାକ୍ତର ସୃଷ୍ଟି କରିପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ଅନ୍ୟାନ୍ୟ ଲୋକକଲ୍ୟାଣକାରୀ ପଦକ୍ଷେପ ଭଳି ଏହା ନିଶ୍ଚିତ ଭାବରେ ରାଜ୍ୟବାସୀ ବିଶେଷ କରି ଶିଳ୍ପସମୃଦ୍ଧ ଯାଜପୁର ଜିଲା ଏବଂ ବିଶ୍ୱ ଐତିହ୍ୟସ୍ଥଳି ପୁରୀ ଜିଲାବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ସହାୟକ ହେବ ବୋଲି ଘଡାଇ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୫୦ କୋଟିର ରାଜସ୍ୱହାନି

ପଟ୍ଟାମୁଣ୍ଡାଇ, ୧୬।୧୨(ସ୍ୱ.ପ୍ର.)

**ପ୍ରଭାବଶାଳୀ ବ୍ୟକ୍ତିମାନେ ସରକାରୀ ଜମି ହାତେଇଛନ୍ତି**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଞ୍ଚଳର ବହୁ ମୂଲ୍ୟବାନ ସରକାରୀ ଜମି ପ୍ରଭାବଶାଳୀ ବ୍ୟକ୍ତିମାନେ ହାତେଇ ନେଇଥିବା ଅଭିଯୋଗ ହେଉଛି। ଏହାର ଆନୁମାନିକ ମୂଲ୍ୟ ୫୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଏହାଦ୍ୱାରା ରାଜ୍ୟ ସରକାର ରାଜସ୍ୱ ହରାଇଛନ୍ତି। ଫଳରେ ବିଭିନ୍ନ ସରକାରୀ ଅଫିସ ପ୍ରତିଷ୍ଠା କରିବାକୁ ଜାଗା ଖଣ୍ଡେ ମିଳୁନାହିଁ। ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍‌ଡିଭିଜନ, ସରକାରୀ ବସ୍‌ଷ୍ଟାଣ୍ଡ, ପାର୍କ ଓ ଆଦର୍ଶ ଥାନା ନିର୍ମାଣ କରିବାକୁ ତହସିଲଦାର ଏ ପର୍ଯ୍ୟନ୍ତ ସ୍ଥାନ ଚିହ୍ନଟ କରି ପାରୁନାହାନ୍ତି। ସାମାଜିକ କର୍ମୀ ବିଜୟ ରାଉତ, ହିମାଦ୍ରି ବିହାରୀ ଦାସ, ଆଇନଜୀବୀ ପ୍ରଭାତ ବେରା, କ୍ଷୀରୋଦ ବିହାରୀ ପ୍ରଧାନ, ରାମକୃଷ୍ଣ ଦାଶ, ପ୍ରମୋଦ ସାହୁ, ଭୀମସେନ ପ୍ରଧାନ, ଅଭିରାମ କୁଣ୍ଡଙ୍କ ସମେତ ବୁଦ୍ଧିଜୀବୀମାନେ ଅଭିଯୋଗ ଆଣିଛନ୍ତି। ଏପରିସ୍ଥଳେ ମୂଲ୍ୟବାନ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ସେମାନେ ଆଇନର ଆଶ୍ରୟ ନେବାକୁ ପଛାଇବେ ନାହିଁ ବୋଲି କହିଛନ୍ତି। ବେଲତଳ, ଦକ୍ଷିଣଦିଆ, ପୋଖରିଆ ପଡା, ପଟ୍ଟାମୁଣ୍ଡାଇ ମୌଜାରେ ଥିବା ସରକାରୀ ଜମିକୁ ୧୯୩୦ରେ ହୋଇଥିବା ବନ୍ଦୋବସ୍ତରେ ବ୍ୟାପକ ହେରଫେର ଓ ଚଞ୍ଚକତା କରାଯାଇଛି। ବହୁ ମୂଲ୍ୟବାନ ସରକାରୀ ଜମି ଓ ରାସ୍ତାକଡ (ଡିଷ୍ଟ୍ରିବୋର୍ଡ) ଜାଗା ହଡ଼ପ କରାଯାଇଛି। ଫଳରେ ବଜାର ରାସ୍ତା ସଂକୀର୍ଣ୍ଣ ହେବାସହ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛି। ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହୁଛି। ପୋତି ହୋଇପଡିଥିବା ଗୋବରୀ ନଦୀ ଜାତୀୟ ସମ୍ପତ୍ତି ହୋଇଥିଲେ ମଧ ଜମିଦାରଙ୍କ ପୁଅମାନେ ଓ ଗୁମାସ୍ତାଠାରୁ ହାତଲେଖା ଆଣି କେତେଜଣ ଲୋକ ତହସିଲ କାର୍ଯ୍ୟାଳୟରୁ ଲିଜ୍ ନେଇ ଭୋଗ ଦଖଲ କରୁଛନ୍ତି। ଜଳାଶୟକୁ ବିକ୍ରି ବଟା କରିଛନ୍ତି। ପୋତା ନଈ ଗୋବରୀ ସ୍ଥାନୀୟ ବେଲତଳ ଗ୍ରାମର ରାଧାରମଣ ଜୀଉଙ୍କ ଚାପଖେଳ ପୋଖରୀ ଥିଲା। ତାହା ଏବେ ଜବରଦଖଲକାରୀଙ୍କ ଯୋଗୁ ଉଚ୍ଛେଦ ହୋଇ ଯାଇଛି। ଜମିଦାରଙ୍କ ହାତଲେଖା ଦେଖାଇ ତହସିଲରେ ନାମ ଦରଜ କରିଥିବା ଲୋକେ ପରବର୍ତ୍ତୀ ସମୟରେ ୧୯୮୪ ଚକବନ୍ଦୀରେ ନିଜ ନାମରେ ଚଞ୍ଚକତା କରି ରେକର୍ଡ କରି ନେଇଛନ୍ତି। ଏହା ପଟ୍ଟାମୁଣ୍ଡାଇ ତହସିଲଦାର ଜାଣି ମଧ ତାହାକୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମରେ ରେକର୍ଡ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୋତାନଈ କିସମ ଜଳାଶୟ ଥିବା ବେଳେ ଏହା କିପରି ପୋତା ଯାଇ ପକ୍କା ଘର ନିର୍ମାଣ କରାଯାଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାର ଓ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତହସିଲଦାର ଶରତ କୁମାର ଗିରିଙ୍କୁ ପଚାରିବାରେ ଏହା ୭୦ ବର୍ଷ ତଳ କଥା। ପଟ୍ଟାମୁଣ୍ଡାଇରେ ସରକାରଙ୍କ ମୂଲ୍ୟବାନ ଜମି ବେଆଇନ ଜବରଦଖଲ ରେକର୍ଡ କରାଯାଇଛି। ତେବେ ଜିଲାପାଳ ଓ ରଜସ୍ୱ କମିଶନର ତଥା କୋର୍ଟଙ୍କ ନିର୍ଦ୍ଦେଶରେ ଏହା ଉଚ୍ଛେଦ କରାଯାଇପାରିବ ବୋଲି ସେ କହିଥିଲେ।

## ୨ ଲକ୍ଷ ଟଙ୍କାର ହିରୋଇନ ଜବତ, ଜଣେ ଗିରଫ

**ଜଗତସିଂହପୁର ଅଫିସ:** ଜଗତ୍‌ସିଂହପୁର ସହର ଅଧୀନ ଲାଲାସାହି ମଙ୍ଗଳା କଲୋନୀରୁ ବୁଧବାର ୨୧ଗ୍ରାମ ୮୨୦ ମିଲି ଗ୍ରାମର ହିରୋଇନ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୧୮ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନାରେ ମାମଲା ସଂଖ୍ୟା ୪୮୩/୨୦ ରୁଜୁ ହେବା ସହ ଅଭିଯୁକ୍ତ ଲିପୁ ଓରଫ ଦୀପ୍ତିରଞ୍ଜନ ସିଂହ(୨୨)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ମାଛଚାଷ ନାଁରେ ମୋରମ ଚାଲାଣ

■ ପ୍ରଥମେ ଜଙ୍ଗଲ ଜମି, ପରେ ହେଲା ରୟତ

■ ଜଙ୍ଗଲ ବିଭାଗର ଅଜବ ରିପୋର୍ଟ

ଯାଜପୁର ଅଫିସ,୧୬।୧୨

ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ମଞ୍ଜୁରୀ ମୌଜାରେ ମାଛଚାଷ ପାଇଁ ପୋଖରୀ ଖନନ ନାମରେ ବ୍ୟାପକ ମୋରମ ଚୋରାଚାଲାଣ ହେଉଛି। ଗତ ୬ ମାସ ହେବ ସେଠାରୁ ମୋରମ ଉଠାଇବାକୁ ଉଦ୍ୟମ କରାଯାଉଥିଲା। ହେଲେ ଜଙ୍ଗଲ କିସମ ଜମି ବାଧକ ସାଜିଥିଲା। ପରବର୍ତ୍ତୀ ସମୟରେ ତାହା ଜଙ୍ଗଲ ଜମି କିସମ ନୁହେଁ ବୋଲି ଜଙ୍ଗଲ ବିଭାଗ ପକ୍ଷରୁ କ୍ଲିନ୍‌ଚିଟ୍ ମିଳିବା ପରେ ବିନା ମାଇନିଂ ପ୍ଲାନରେ ବିପୁଳ ମୋରମ ଚାଲାଣ ହେଉଛି। ଜିଲା ମତ୍ସ୍ୟବିଭାଗର କୌଣସି ଅନୁମତି ନ ଥିଲେ ହେଁ ସ୍ଥାନୀୟ ତହସିଲଦାର ଓ ବନ ବିଭାଗ ଅଧିକାରୀଙ୍କ ସହିତ ସଲାସତ୍ରା କରି ଏଭଳି ବେଆଇନ କାର୍ଯ୍ୟ ଚାଲିଛି। ଏଠାରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ନିବାରଣ ଗାଇଡ୍‌ଲାଇନକୁ ଅବମାନନା କରାଯାଇଛି। ଏନେଇ ପୂର୍ବରୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷେ ଏକାଧିକ ହାଇୱା ଗାଡିରେ ଓଭରଲୋଡିଂ ମୋରମ ନିଆଯାଉଥିଲେ ହେଁ ଯାଜପୁର ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ୟାସନଗର ତହସିଲ ଅନ୍ତର୍ଗତ ମଞ୍ଜୁରୀ ମୌଜା ଖାତା ନମ୍ବର ୨୦ ଓ ପ୍ଲଟ ନମ୍ବର ୧୫୧ ସାରଦା-୩ କିସମ ୧ ଏକର ପରିମିତ ଜମିରୁ ଗତ ଜୁଲାଇରୁ ପର୍ଯ୍ୟାୟ କ୍ରମେ ମୋରମ ଖନନ ଆରମ୍ଭ ହୋଇଥିଲା। ବ୍ୟାସନଗର ତହସିଲଦାର ତାଙ୍କ ପତ୍ରସଂଖ୍ୟା ୪୩୫୦/୯।୭।୨୦୨୦ରେ ଏକନ ପାତ୍ରଙ୍କୁ ଅଙ୍କିତା କନଷ୍ଟ୍ରକ୍ସନ ଦ୍ୱାରା ମୋରମ ଉତ୍ତୋଳନ କରିବାକୁ ଅନୁମତି ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗ ହେବାରୁ ଉକ୍ତ ଜମି ଜଙ୍ଗଲ କିସମ ହୋଇଥିବା ଦର୍ଶାଇ ବ୍ୟାସନଗର ତହସିଲଦାର ତାଙ୍କ ପତ୍ରସଂଖ୍ୟା ୪୬୫୩/୨୨।୭।୨୦୨୦ରେ ପୋଖରୀ ଖନନ ନିର୍ଦ୍ଦେଶକୁ ବାତିଲ କରିଥିଲେ। ଏନେଇ ଜମି ମାଲିକ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଇତିମଧ୍ୟରେ ଉକ୍ତ ଜମି ଜଙ୍ଗଲ କିସମ ନୁହେଁ ବୋଲି ଜଙ୍ଗଲ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରିଥିବା ସୂଚନା ମିଳିଛି। ଏହାପରେ ହାଇକୋର୍ଟର



ମଞ୍ଜୁରୀ ମୌଜାରୁ ମୋରମ ଲୁଟ୍ ହେଉଛି।

ଏକ ରାୟ ବଳରେ ସେଠାରେ ମାଛଚାଷ ପାଇଁ ପୋଖରୀ ଖନନ ନାମରେ ଜିଲା ବାହାରକୁ ମୋରମ ଚାଲାଣ କରାଯାଉଛି।

ଉକ୍ତ ନ୍ୟାୟାଳୟର ରାୟକୁ ଭିତ୍ତି କରି ରାଜ୍ୟ ସରକାର ଲଘୁ ଖଣିଜ ସମ୍ପଦ ଆଇନରେ ସଂଶୋଧନ କରିଛନ୍ତି। ଆଇନରେ ଉତ୍ତୋଳନ କାର୍ଯ୍ୟ ପୂର୍ବରୁ ଆଇନ ଅନୁସାରେ ଅନୁମତି ମିଳିଥିବା ଅଞ୍ଚଳ ଉପରୁ ମାଟିସ୍ତରକୁ ଲିଜ୍‌ଧାରୀ ସଂଗ୍ରହ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସାଇତି ରଖିବେ। ଉତ୍ତୋଳନ ସମ୍ପୂର୍ଣ୍ଣ ହେବା ପରେ ଉକ୍ତ ସ୍ଥାନକୁ ପୋତା ଯିବ ଏବଂ ସେଠାରେ ସାଇତା ମାଟିର ଅସ୍ତରଣ ବିଛାଯିବ। କେଉଁଠି ରାସ୍ତା ହେବ, କେଉଁଠି ଉତ୍ତୋଳିତ ଖଣିଜ ସମ୍ପଦ ଗଚ୍ଛିତ ହେବ ତାହା ସ୍ଥିର ହୋଇଥାଏ। ପ୍ରାୟ ଅଢେଇ ବର୍ଷ ତଳେ ପ୍ରିଭେନସନ ଅଫ୍ ଥେଫ୍ଟ ମାଇନର ମିନେରାଲ୍ସ ଆଣ୍ଡ ଅଭିକ୍ସନ ଆକ୍ଟିଭିଟିଜ(ପିଟିଏମଏମଇଏ) ବା ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ ଯୋଜନା ଏବଂ ଗତ ନଭେମ୍ବରରେ ପ୍ରଣୀତ ନୂତନ ଗାଇଡଲାଇନକୁ ନ ମାନି ଏହି ମୋରମ ଚୋରା ଚାଲାଣ ହେଉଛି।

ଅନ୍ୟପକ୍ଷେ ମାଛ ଚାଷ ପାଇଁ ପୋଖରୀ ଖନନ ସଂକ୍ରାନ୍ତରେ ଜିଲା ମତ୍ସ୍ୟବିଭାଗ ଅଧିକାରୀଙ୍କ ପରାମର୍ଶ ଅନୁସାରେ ପୋଖରୀର ଗଭୀର ଓ ଆୟତନର ପରିମାଣ ଆକଳନ ହୋଇଥାଏ। ଏନେଇ ଜିଲା ମତ୍ସ୍ୟବିଭାଗ ଅଧିକାରୀ କୁଟିଳଚନ୍ଦ୍ର ଦାସ କହିଛନ୍ତି, ମଞ୍ଜୁରୀ ମୌଜାରେ କୌଣସି ପୋଖରୀ ଖନନ ପାଇଁ ଅନୁମତି ଦିଆଯାଇ ନାହିଁ। ଯଦି ପୋଖରୀ ଖନନ ହୁଏ ତେବେ ସେଠାକାର ମାଟି କିମ୍ବା ମୋରମ କେବଳ ହିତ ପାଇଁ ବ୍ୟବହାର ହେବ। ମୋରମ ଅନ୍ୟତ୍ର ସ୍ଥାନକୁ ଯାଇ ପାରିବ ନାହିଁ। ବ୍ୟାସନଗର ତହସିଲଦାର ଶରତଚନ୍ଦ୍ର ମହାପାତ୍ର କହିଛନ୍ତି, ଆଇନ ତଥା ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳରେ ଏପରି ଅନୁମତି ଦିଆଯାଉଛି। ନିଜ ଜମିରେ ପୋଖରୀ ଖନନ କରି ଯେ କେହି ବି ମାଛଚାଷ କରି ପାରିବ। ତେବେ ହିତ ପାଇଁ ଆବଶ୍ୟକତାଠାରୁ ଅଧିକ ମୋରମ ବାହାରିଲେ ତାହା ବିକ୍ରି କରାଯାଇପାରିବ।

## ଚାରା ଦୁର୍ନୀତି, ଲୋକାୟୁକ୍ତ ଟିମ୍‌ର ତଦନ୍ତ

**କେନ୍ଦ୍ରାପଡା ଅଫିସ/ ପାଟକୁରା, ୧୬।୧୨(ଡି.ଏନ.ଏ.):** କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ମଧୁଶାସନ ଓ ବଡବେତରା ପଞ୍ଚାୟତରେ କାଜୁ ଚାରା ରୋପଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଓଡ଼ିଶା ଲୋକାୟୁକ୍ତ କମିଟି ସଦସ୍ୟମାନେ ବୁଧବାର ଏହାର ତଦନ୍ତ କରିଛନ୍ତି। ଦୁଇଦିନ ଧରି ହେବାକୁ ଥିବା ଏହି ତଦନ୍ତରେ କମିଟି ସଦସ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ମତ ନେବା ସହିତ କାଗଜପତ୍ର ତନଖୀ କରୁଛନ୍ତି। ସୂଚନାଯୋଗ୍ୟ, ଏହି ଦୁଇ ପଞ୍ଚାୟତର ୪୦ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳରେ ପଞ୍ଚାୟତରାଜ ବିଭାଗ ପକ୍ଷରୁ ୨୦୧୫ରୁ ୨୦୧୭ ମସିହା ପର୍ଯ୍ୟନ୍ତ କାଜୁଚାରା ରୋପଣ ହୋଇଥିବା କାଗଜପତ୍ରରେ ଦର୍ଶାଯାଇଛି। ହେଲେ ଏଥିରେ ଦୁର୍ନୀତି ହୋଇଥିବା ସ୍ଥାନୀୟ ଅଞ୍ଚଳର ସୂଚନା ଅଧିକାର କର୍ମୀ ପବିତ୍ର ପାଣି ତଥ୍ୟ ସଂଗ୍ରହ ପରେ ଦର୍ଶାଇ ୨୦୧୯ରେ ଲୋକାୟୁକ୍ତରେ ଏକ ମାମଲା (ନଂ.୩୮/୧୯) କରିଥିଲେ। ଅଭିଯୋଗର ଶୁଣାଣୀ ପରେ ଏହି ତଦନ୍ତ ଆରମ୍ଭ ହୋଇଛି।

## ସଂକ୍ଷେପରେ

### ମହାନଦୀରେ ବୁଡ଼ି ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

କୁଜଙ୍ଗ,୧୬।୧୨ (ଡି.ଏନ.ଏ.): କୁଜଙ୍ଗ ଥାନା ଭୂତମୁଣ୍ଡାଇ ବାଲିଘାଟ ନିକଟସ୍ଥ ମହାନଦୀରେ ପଶି ବୁଧବାର ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଜାମିନୀ ମହାରଣା(୨୧)। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ପୋଲିସ ଜାମିନୀଙ୍କୁ ଆଣି ଡାକ୍ତରଖାନାରେ ଭର୍ତ୍ତି କରିଛି। କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ପିକରାଳୀ ଗାଁର ଛବି ମହାରଣାଙ୍କ ଝିଅ ଜାମିନୀ ୨ ବର୍ଷ ହେବ କୁଜଙ୍ଗର ଏକ ଶାଢି ଦୋକାନରେ କାମ କରୁଥିଲେ। ସେ ସ୍ଥାନୀୟ ସମାଗୋଳ ଗାଁରେ ମାମୁଁ ଘରେ ରହୁଥିଲେ। କୌଣସି କାରଣ ନେଇ ଏବେ ମାମୁଁ ଘର ଛାଡି ବଳରାମପୁର ଗାଁରେ ଘରଭଡା ନେଇ ରହୁଥିଲେ। ମଧ୍ୟାହ୍ନରେ ଜାମିନୀ ବାଲିଆ ଲକ୍ଷ୍ମୀନାରାୟଣ ମନ୍ଦିରକୁ ଯାଇଥିଲେ। ସେଠାରୁ ସ୍କୁଟରେ ମହାନଦୀ ପଠାରେ ପହଞ୍ଚି ଆଇଆଇସି ପାରାଓ ଟୁଡୁଙ୍କୁ ଫୋନ କରି ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଯାଉଛି ବୋଲି କହିଥିଲେ। ତାଙ୍କର ଏହି ଆତ୍ମହତ୍ୟା ପାଇଁ କେହି ଦାୟୀ ନୁହନ୍ତି ବୋଲି ଜଣାଇଥିଲେ। ଆଇଆଇସି ପହଞ୍ଚିଲା ବେଳକୁ ନଦୀ ପଠାରେ କାମ କରୁଥିବା ଲୋକେ ଜାମିନୀଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଯୁବତୀ ଜଣକ ଜଣେ ବ୍ୟକ୍ତିଙ୍କ ନାମ ନେଇଥିଲେ। ଏ ସମ୍ପର୍କରେ ଆଇଆଇସି ଟୁଡୁ କହିଛନ୍ତି, ଜଣେ ଯୁବତୀଙ୍କ ଫୋନ କଲ ପାଇ ଆସିଥିଲି। ମାତ୍ର ସ୍ଥାନୀୟ ଲୋକ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି। ଯୁବତୀ କ'ଣ ପାଇଁ ଆତ୍ମହତ୍ୟା ଉଦ୍ୟମ କଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି ସେ କହିଛନ୍ତି।

### ଜନସମାବେଶରେ ଗୁମର ଖୋଲିବ କଂଗ୍ରେସ

ନୟାଗଡ଼ ଅଫିସ,୧୬।୧୨:ପରୀ ନ୍ୟାୟ ରଥକୁ ଜିଲା ପ୍ରଶାସନ ବନ୍ଦ କରାଇବା ପରେ କଂଗ୍ରେସ ଚୁପ୍ ନ ରହି ପରୀ ପରିବାର ନ୍ୟାୟ ପାଇବାର କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିଛି। ଏନେଇ ଦସ୍ତଖତ ସଂଗ୍ରହ ଅଭିଯାନକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ବୁଧବାର କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅନ୍ୟପକ୍ଷେ ପରୀ ରଥ ବନ୍ଦ କରିବା ନେଇ ଜିଲା ପ୍ରଶାସନର ଗୁମରକୁ ଗୁରୁବାର ଆୟୋଜିତ ଜନସମାବେଶରେ କଂଗ୍ରେସ ଜନସାଧାରଣଙ୍କୁ ଅବଗତ କରାଇବ। ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ରାଜ୍ୟସ୍ତରୀୟ ନେତା ଯୋଗ ଦେବେ। ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ନିଶିକାନ୍ତ ମିଶ୍ର ଓ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କହିଛନ୍ତି, ପରୀ ନ୍ୟାୟ ରଥର ପରିକ୍ରମା ଓ ନ୍ୟାୟ ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନରେ ବହୁ ଲୋକ ସାମିଲ ହୋଇଥିଲେ। ମନ୍ତ୍ରୀ ଅରୁଣ ସାହୁ ଛାନିଆ ହୋଇ ରୋକ୍ ଲଗାଇବାକୁ ଗୋଟି ଚାଳନା କରିଥିଲେ। ମନ୍ତ୍ରୀଙ୍କ ଚାପରେ ଜିଲାପାଳ ଏସ୍ଆଇଟି ତଦନ୍ତ ଆଳରେ ପରୀ ନ୍ୟାୟ ରଥର ପରିକ୍ରମା ଉପରେ ରୋକ୍ ଲଗାଇଛନ୍ତି ବୋଲି ସେମାନେ କହିଛନ୍ତି। ପରୀ ପରି ସ୍ୱାତୀ ହତ୍ୟାକୁ ନେଇ ଆନ୍ଦୋଳନ ଜାରି ରଖିବ ବୋଲି କଂଗ୍ରେସ ନେତାମାନେ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ଭାଜପା ନେତା ଓ ଅନ୍ୟମାନେ।

## 'ପରୀକୁ ନ୍ୟାୟ, କୃଷି ବିଲ୍ ନେଇ ସଚେତନ କରାଯିବ'

ଜଗତସିଂହପୁର ଅଫିସ, ୧୬।୧୨

ପରୀକୁ ନ୍ୟାୟ ପାଇଁ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ। ଏଥିସହ କେନ୍ଦ୍ରୀୟ କୃଷି ବିଲ୍ ୨୦୨୦ ଉପରେ ସୃଷ୍ଟି କରାଯାଉଥିବା ଦ୍ୱନ୍ଦ୍ୱ ଦୂର ପାଇଁ ସଚେତନତା କରାଯିବ। ଭାଜପା ପକ୍ଷରୁ ସ୍ଥାନୀୟ ସାରଦା ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଦଳର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି। ପରିଡ଼ା କହିଥିଲେ, ରାଜ୍ୟ ସରକାର ପରୀକୁ ନ୍ୟାୟ ଦେଉନାହାନ୍ତି। ଭାଜପା ପକ୍ଷରୁ ରାଜ୍ୟରେ ଆନ୍ଦୋଳନ, ବିକ୍ଷୋଭ ପରେ ଜଣେ ଇନିସ୍ପେକ୍ଟର ଓ ଏସ୍‌ଡିପିଓଙ୍କୁ ବଦଳି କରାଯିବା ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରି ଦେଉଛି। ପରୀର ମା'ଙ୍କୁ ଚୁପ୍ ରହିବା ପାଇଁ ଲାଞ୍ଚ ଯଚା ଯାଇଥିଲେ ସୁଦ୍ଧା ସେ ଅଗ୍ରାହ୍ୟ କରି ଦେଇଛନ୍ତି। ତେଣୁ ପରୀକୁ ନ୍ୟାୟ ଦାବିରେ ଭାଜପା ପଦଯାତ୍ରା କରିବ। କେବଳ ଏତିକି ନୁହେଁ ପରୀ, ସ୍ୱାତୀ, ପିହୁଙ୍କ ଭଳି ରାଜ୍ୟର ୫,୩୨୬ ଶିଶୁଙ୍କ ନିଖୋଜର କାରଣ ଖୋଜିବା ସହ ସେମାନଙ୍କୁ ନ୍ୟାୟ ଦେବା ଦାବିରେ ଭାଜପା ଆନ୍ଦୋଳନ ତୀବ୍ର କରିବ। ଅନ୍ୟପକ୍ଷେ କେନ୍ଦ୍ରୀୟ କୃଷି ବିଲ୍ ୨୦୨୦ ଉପରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି କରାଯାଉଛି ତାକୁ ପ୍ରତିହତ କରିବାକୁ ଉଦ୍ୟମ ହେବ। ବିଲ୍‌ରେ ବାସ୍ତବରେ ଚାଷୀଙ୍କୁ ସେମାନଙ୍କ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) କାଟିବା ବ୍ୟବସ୍ଥା ନାହିଁ। କଣ୍ଟ୍ରାକ୍ଟ ଫାର୍ମିଂ ଉପରେ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରାଯାଉଛି। ଭାଗ ଚାଷୀ ଜମି ଉପରେ ମାଲିକାନା ଜାହିର କରିପାରିବେ ନାହିଁ। କେବଳ ଜମିର ଶସ୍ୟ ଉପରେ ମାଲିକାନା ଜାହିର କରିପାରିବେ। ତେଣୁ ଚାଷୀ କିମ୍ବା ଜମି ମାଲିକ ଆଦୌ ଭ୍ରମରେ ପଡିବା ଉଚିତ ନୁହେଁ। ଚାଷୀଙ୍କୁ ଯଦି ଏମ୍ଏସ୍‌ପିଠାରୁ ଅଧିକ ମୂଲ୍ୟରେ କେହି ଅର୍ଥ ଦିଅନ୍ତି ସେ ମୁକ୍ତ ଭାବେ ବିକ୍ରି କରିପାରିବେ। ଏସବୁ ଦ୍ୱନ୍ଦ୍ୱ ଦୂର ପାଇଁ ଭାଜପା ଆସନ୍ତା ୨୫ରୁ ୩ ମାସ ପର୍ଯ୍ୟନ୍ତ ମଣ୍ଡି ଚାଲୋ ଅଭିଯାନ କରିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜକିଶୋର ବେହେରା, କ୍ରୀଷ୍ଣା ମହାନ୍ତି ଓ ସମ୍ପଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକ ମୃତ, ୩ ବଣ୍ଡଲ ତାର ଜବତ

**ବିଦ୍ୟୁତ୍ ତାର ଚୋରି କାଳ ହେଲା**

ଭାପୁର,୧୬।୧୨(ଡି.ଏନ୍.ଏ.)

୫ଜଣ ଯୁବକ ରାତିରେ ୧୧କେଭି ବିଦ୍ୟୁତ୍ ତାର ଚୋରି କରିବା ବେଳେ ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫତେଗଡ ଗ୍ରାମ ମୁଣ୍ଡିଆ ତଳସାହିର ବିଜୟ ପ୍ରଧାନ(୩୨)। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଥାନାଠାରୁ ମାତ୍ର ୨ଶହ ମିଟର ଦୂର ରାଧାମୋହନ ସାଗର ନିକଟରୁ ୧୧କେଭି ତାର ଚୋରି କରିବା ପାଇଁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପ୍ରସ୍ତୁତ ହେଉଥିଲେ। ହେଲେ ବିଜୟଙ୍କ ମୃତ୍ୟୁ ପରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା।

## ନୂତନ କୃଷି ଆଇନକୁ ଭାଜପାର ସମର୍ଥନ

**କେନ୍ଦ୍ରାପଡା ଅଫିସ,୧୬।୧୨:** କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ କେନ୍ଦ୍ରାପଡା ଜିଲା ଭାଜପା ପକ୍ଷରୁ ସମର୍ଥନ କରାଯାଇଛି। ଦୁହୁରିଆସ୍ଥିତ ଜିଲା କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି କିଶୋର ପଣ୍ଡା ଏହି ଆଇନକୁ ଚାଷୀଙ୍କ ଉନ୍ନତିର ପଥ ବୋଲି ବର୍ଣ୍ଣନା କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରତିନିଧି ତପନ ବେହେରା, ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା, ସୁନାକର ବେହେରା, ଭକ୍ତବନ୍ଧୁ ମିଶ୍ର, ଉପିନ ରାଉତ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରେ ଚାଷୀଙ୍କ ଉତ୍ପାଦର ସହଜ ବିକ୍ରି ସହିତ ସହାୟକ ମୂଲ୍ୟ ମିଳିପାରିବ ବୋଲି କହିଛନ୍ତି। କେତେକ ରାଜନୈତିକ ଦଳ ଭ୍ରମାତ୍ମକ ଖବର ପରିବେଷଣ କରୁଛନ୍ତି। ଏଥିରେ କୃଷକ ବିଚଳିତ ହେବା ଆବଶ୍ୟକତା ନାହିଁ ବୋଲି ସେମାନେ କହିଛନ୍ତି।

## ଶୃଙ୍ଖଳିତ ଦର୍ଶନ ଉପରେ ତଦାରଖ କଲେ ଜିଲାପାଳ

**ଖୋଲିବ ମା' ବିରଜା ମନ୍ଦିର**

ଯାଜପୁର ଟାଉନ,୧୬।୧୨(ଡି.ଏନ.ଏ.)

କରୋନା ମହାମାରୀ ଯୋଗୁ ମା' ବିରଜାଙ୍କ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଛି। ତେବେ ଚଳିତ ମାସ ମନ୍ଦିର ଖୋଲାଯାଇ ସାଧାରଣ ଦର୍ଶନ ବ୍ୟବସ୍ଥା କରାଯିବ। ବୁଧବାର ସନ୍ଧ୍ୟାରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ନାରାୟଣ ଚନ୍ଦ୍ର ଧଳ ମନ୍ଦିରରେ ପହଞ୍ଚି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ତଦାରଖ କରିଛନ୍ତି। ମନ୍ଦିର ଖୋଲାଯିବା ପାଇଁ ନୀତିଗତ ନିଷ୍ପତ୍ତି ହୋଇ ନ ଥିଲେ ମଧ୍ୟ ରାଜ୍ୟରେ ଅନ୍ୟାନ୍ୟ ମନ୍ଦିର ଖୋଲାଯିବା ପରେ ବିରଜା ମନ୍ଦିର ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମା' ବିରଜାଙ୍କ ଦର୍ଶନ ସାଧାରଣ ଲୋକଙ୍କ ପାଇଁ ପ୍ରାତଃ ୫.୩୦ରୁ ସନ୍ଧ୍ୟା ଆଳତୀ ପର୍ଯ୍ୟନ୍ତ କରାଯିବ। ସାଧାରଣ ଭକ୍ତମାନେ ଯଜ୍ଞମଣ୍ଡପ ପର୍ଯ୍ୟନ୍ତ ଯାଇ ମା'ଙ୍କ ଦର୍ଶନ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆପାତତ ସ୍ଥିର କରାଯାଇଛି। ମନ୍ଦିର ମଧ୍ୟରେ ବିବାହ କିମ୍ବା ପିଣ୍ଡ ତର୍ପଣ କାର୍ଯ୍ୟ କରାଯାଇ ପାରିବ ନାହିଁ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ମୁକ୍ତିମଣ୍ଡପ ସେବାୟତ ପରିଷଦ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ମନ୍ଦିର ଖୋଲାଯିବା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ




ରାଜନଗର ଯୁବ କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି।

ରାଜନଗର, ୧୬।୧୨(ଡି.ଏନ.ଏ.)

ରାଜନଗର ଯୁବ କଂଗ୍ରେସ ତ୍ରିନାଥ ବଜାର ଛକରେ ପକ୍ଷରୁ ଗ୍ୟାସ, ପେଟ୍ରୋଲ ଓ ଡିଜେଲର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ବୁଧବାର ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ରାଜନଗର ବ୍ଲକ ଯୁବ କଂଗ୍ରେସ ସଭାପତି ବିମଳ କୁମାର ବିଶ୍ୱାଳ, ଛାତ୍ର କଂଗ୍ରେସ ସଭାପତି ସୁନୀଲ ରାଉଳ, କଂଗ୍ରେସ ନେତା ଦେବେନ୍ଦ୍ର କୁମାର ଜେନା, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସମୀର ଜେନା ପ୍ରମୁଖ କଂଗ୍ରେସ କର୍ମୀମାନେ କେନ୍ଦ୍ର ବିରୋଧ ନାରା ଦେବା ସହ କୁଶ ପୁତ୍ତଳିକା ଦାହ କରିଥିଲେ।

## ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**କେନ୍ଦ୍ରାପଡା ଅଫିସ,୧୬।୧୨:** କନ୍ଧମାଳ, ପୁରୀ ଓ ଯାଜପୁର ଜିଲାରେ ମେଡିକାଲ କଲେଜ ପାଇଁ ମଞ୍ଜୁରୀ ମିଳିବା ପରେ କେନ୍ଦ୍ରପଡା ଜିଲାରେ ଏନେଇ ଦାବି ବଢ଼ି ଚାଲିଛି। କେନ୍ଦ୍ରାପଡା ଜିଲା ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ଏନେଇ ଦାବି ହୋଇଥିଲା। କଂଗ୍ରେସ ନେତା ଗଣେଶ୍ୱର ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବୁଧବାର ଚିଠି ଲେଖିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ଜିଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଊର୍ଦ୍ଧ୍ୱ। ଏହି ଜିଲାରେ ୩,୦୯,୬୮୦ ଅନୁସୂଚିତ ଜାତି ଓ ୯,୪୮୪ ଅନୁସୂଚିତ ଜନଜାତିର ଲୋକ ଅଛନ୍ତି। ଜିଲାର ୬୮ ଭାଗ କୃଷି ଅର୍ଥନୀତିରେ ଚାଲିଥିବା ବେଳେ ଆର୍ଥିକ ଦୁସ୍ଥିତି ବଢ଼ିଯାଇଛି। ବିଭିନ୍ନ ଡାକ୍ତରଖାନାରେ ୬୫ ଭାଗ ଡାକ୍ତର ନ ଥିବାରୁ ଚିକିତ୍ସା ସେବାରେ ବ୍ୟାଘାତ ସୃଷ୍ଟି ହୋଇଛି। ଜିଲାରେ ମେଡକାଲ କଲେଜ ସ୍ଥାପନ ପାଇଁ ବହୁବାର ଆନ୍ଦୋଳନ ହୋଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉ ବୋଲି ସେ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ଦେଖା ଦେଲେ ଜିଲାବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବେହେରା ଉଲ୍ଲେଖ କରିଛନ୍ତି।

## ଦେବୀ ନଦୀରେ ବାଲି ସଇରାତ ନିଲାମ ଶେଷ

ନାଉଗାଁ,୧୬।୧୨(ସ୍ୱ.ପ୍ର)

ନାଉଗାଁ ତହସିଲ ଅନ୍ତର୍ଗତ ଦେବୀ ନଦୀରେ ଥିବା ବାଲି ସଇରାତ ପାଇଁ ଟେଣ୍ଡର ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ତହସିଲ ପକ୍ଷରୁ ଚିଠି ନଂ. ୧୫୦୭/୨୪ ନଭେମ୍ବର ୨୦୨୦ ରେ ନଦୀରେ ଥିବା ୬ଟି ବାଲି ସଇରାତ ନିଲାମ ପାଇଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ୬ଟି ବାଲି ସଇରାତ ମଧ୍ୟରେ ଶିଖର, ଏରେଡା, ଗଳଦାରୀ, ବଚ୍ଛାଳୋ, ଅଲଣା-୨, ଅରଖକୁଦ। ଉକ୍ତ ଟେଣ୍ଡର ପକାଇବା ପାଇଁ ବୁଧବାର ଅପରାହ୍ନ ୧ଟାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ୫୪ଟି ଟେଣ୍ଡର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଅପରାହ୍ନ ୩ଟାରେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜେ. କଳ୍ପନା, ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରାଙ୍କ ଉପସ୍ଥିତିରେ ନିଲାମ ପାଇଁ ଟେଣ୍ଡର ପକାଇଥିବା ନିଲାମଧାରୀମାନେ ଉପସ୍ଥିତ ରହିଥିଲେ। ସମସ୍ତଙ୍କ ଉପସ୍ଥିତିରେ ଟେଣ୍ଡରଗୁଡିକ ଖୋଲା ଯାଇଥିଲା। ଶିଖର ବାଲି ସଇରାତ ପାଇଁ ୧୦ଟି, ଏରେଡା ବାଲି ସଇରାତ ପାଇଁ ୧୧ଟି, ଗଳଦାରୀ ପାଇଁ ୧୪ ଟି, ବଚ୍ଛାଳୋ ପାଇଁ ୭ ଟି, ଅରଖକୁଦ ପାଇଁ ୫ ଟି, ଅଲଣା-୨ ବାଲି ସଇରାତ ପାଇଁ ୭ ଟି ଟେଣ୍ଡର ପକାଯାଇଥିବା ଜଣାଯାଇଛି। ଶିଖର ବାଲି ସଇରାତ ପାଇଁ ତ୍ରିନୟନ ରଥ, ଏରେଡା ଦେବୀଦତ୍ତ ମହାନ୍ତି, ବଚ୍ଛାଳୋ ଦେବାଶୀଷ ମହାରଣା, ଅରଖକୁଦ ଶକୁନ୍ତଳା କାବୁ, ଅଲଣା -୨ ଦେବୀ ପ୍ରସାଦ ତ୍ରିପାଠୀ, ଗଳଦାରୀ ଅକ୍ଷୟ କୁମାର ମହାନ୍ତି ଟେଣ୍ଡର ପାଇଥିବା ତହସିଲଦାର କଳ୍ପନା ଘୋଷଣା କରିଛନ୍ତି। ତହସିଲରେ ୨୦୧୫ରେ ୩ଟି ବାଲି ସଇରାତ ନିଲାମ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରେ ଶିଖର, ବଚ୍ଛାଳୋ, ଏରେଡା ବାଲି ସଇରାତ ରହିଥିଲା। ଉକ୍ତ ବାଲିଘାଟଗୁଡିକ ୫ ବର୍ଷୀୟା ଲିଜ୍ ପ୍ରଦାନ କରାଯାଇଥିବା ବେଳେ ୧୦ ସେପ୍ଟେମ୍ବର ୨୦୨୦ରେ ନିଲାମ ଅବଧି ଶେଷ ହୋଇଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ନାଉଗାଁ ଥାନା ଆଇଆଇସି ଭରତ ଚନ୍ଦ୍ର ବେହେରା ରହିଥିଲେ।

# ଖରିଫ ଅନିୟମିତତା ରବିରେ ଖୋଜା

**ୟୁରିଆ ସାର କଳାବଜାର ଘଟଣା**

■ ୯ ଡିଲର ସଂପୃକ୍ତ, ଜଣେ ନିଲମ୍ବିତ

■ ଜଣେ ଡିଲରଙ୍କ ଲାଇସେନ୍ସ ବାତିଲ

ରସୁଲପୁର,୧୬।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ୍‌ରେ ୟୁରିଆ ସାର ବଣ୍ଟନରେ ହୋଇଥିବା ଅନିୟମିତତାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ବ୍ଲକରେ ମୋଟ ୯ ଡିଲର ଏପରି କଳାବଜାରରେ ସମ୍ପୃକ୍ତ ଥିବା ଜଣାପଡିଛି। ସେମାନଙ୍କୁ କୃଷି ବିଭାଗ ପକ୍ଷରୁ କୈଫିୟତ ତଲବ କରାଯାଇଛି। ଜଣେ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଥିବା ବେଳେ ଅନ୍ୟଜଣଙ୍କୁ ନିଲମ୍ବନ କରାଯାଇଛି।

ଖରିଫ ଋତୁରେ ଧାନ ଚାଷୀଙ୍କୁ ହେକ୍ଟର ପିଛା ୫ବସ୍ତା ୟୁରିଆ ସାର ବଣ୍ଟନର ନିୟମ ରହିଛି। ହେଲେ ଡିଲର କମ୍ ଜମି ଥିବା ୨୩ଜଣ ଚାଷୀଙ୍କୁ ଏକାଧିକ ବସ୍ତା ୟୁରିଆ ଦେଇଛନ୍ତି। ଏହି ତଥ୍ୟ ସାର ପରିଚାଳନା ସାଇଟ୍‌ରେ ଡିଲରମାନେ ଅପ୍‌ଲୋଡ କରିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ଏପରି କି ଜଣେ ଚାଷୀଙ୍କୁ ୨୦ବସ୍ତାରୁ ଊର୍ଦ୍ଧ୍ୱ ସାର ବିକ୍ରି କରାଯାଇ ଥିବା ଦର୍ଶାଯାଇଛି। ବାସ୍ତବରେ ଚାଷୀମାନଙ୍କୁ ସାର ଦିଆ ନ ଯାଇ ସେମାନଙ୍କ ନାମରେ କଟା ଯାଇଥିବା ସାରକୁ କଳାବଜାରରେ ବିକ୍ରି କରାଯାଇଛି। ଏହାର ସିଧା ଫାଇଦା ଡିଲରମାନଙ୍କ ପକେଟ୍‌କୁ ଯାଇଛି। ଏ ନେଇ ଅଭିଯୋଗ ହେବା ପରେ ଜିଲା କୃଷି ବିଭାଗ ପକ୍ଷରୁ ଅସାଧୁ ଡିଲରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ଅଗଷ୍ଟ ମାସରେ ଏହି ଅନିୟମିତତା ଧରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବିଭାଗୀୟ ଅଧିକାରୀ ଚୁପ୍ ବସିଥିଲେ। ଚାପ ପରେ ଏ ଦିଗରେ କୃଷି ଓ ରାଜସ୍ୱ ବିଭାଗର ମିଳିତ ଉଦ୍ୟମରେ ତନାଘନା ଆରମ୍ଭ ହୋଇଛି। ସୋମବାର ତହସିଲ କାର୍ଯ୍ୟାଳୟରେ ବ୍ଲକର ୮ଜଣ ଚାଷୀଙ୍କୁ ଡକାଯାଇ ସେମାନଙ୍କୁ ପଚରାଉଚୁରା କରାଯାଇଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁ, ତହସିଲ ସୁପରଭାଇଜର ମହେଶ୍ୱର ସେଠୀ ପ୍ରମୁଖ ଏ ସଂକ୍ରାନ୍ତରେ ଚାଷୀଙ୍କଠାରୁ ମତାମତ ଗ୍ରହଣ କରିଛନ୍ତି।

କୃଷି ବିଭାଗ ପକ୍ଷରୁ ନିଯୁକ୍ତ ବ୍ଲକର ୩୭ଜଣ ଲାଇସେନ୍ସପ୍ରାପ୍ତ ଡିଲରମାନଙ୍କ ଦ୍ୱାରା ଅନିୟମିତତା ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୯ ମାତ୍ରାଧିକ ସାର କଳାବଜାର କରିଛନ୍ତି। ଉକ୍ତ ଅନିୟମିତତାରେ ସମ୍ପୃକ୍ତ ଡିଲରମାନଙ୍କ ମଧ୍ୟରୁ ହରିପୁର ଆଖଣ୍ଡଳମଣି ସାର ଭଣ୍ଡାରର ଲାଇସେନ୍ସକୁ ବାତିଲ କରିଦିଆଯାଇଛି। ଓଡିଶୋ ସ୍ୱପ୍ନେଶ୍ୱର ସାରଭଣ୍ଡାର ଡିଲରଙ୍କୁ ନିଲମ୍ବନ କରାଯାଇଛି। ବାକି ୭ଜଣଙ୍କୁ କୈଫତ୍ ତଲବ କରାଯାଇଛି। ଏପ୍ରିଲରୁ ଅକ୍ଟୋବର ଖରିଫ ଋତୁ ହୋଇଥିବା ବେଳେ ଏହାର ତଦନ୍ତ ଡିସେମ୍ବରରେ କାହିଁକି ବୋଲି ରସୁଲପୁର ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପ୍ରଶ୍ନ କରାଯାଇଥିଲା। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଗଷ୍ଟ ମାସରେ ଚିଠି ଆସିଥିଲା। ସେହି ଚିଠିକୁ ଭିତ୍ତି କରି ତଦନ୍ତ ଚାଲିଥିବା ସେ କହିଛନ୍ତି। ପୂର୍ବରୁ ସେମାନେ ତଦନ୍ତ କରି ସାର କାରବାରରେ ଅନିୟମିତତା କରିଥିବା କେତେଜଣ ଡିଲରଙ୍କୁ ତାଗିଦ୍ କରିଥିଲେ। ଆଗକୁ ଏହି କାର୍ଯ୍ୟ ପ୍ରତି ମାସରେ ଚାଲିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଶେଷ ଖବର ଅନୁଯାୟୀ, ସ୍ୱପ୍ନେଶ୍ୱର ସାର ଭଣ୍ଡାର ମାଲିକ ବିଭାଗକୁ ଲିଖିତ ଭାବେ ଜଣାଇବା ପରେ ତାଙ୍କୁ ପୁଣି ଥରେ ନିଯୁକ୍ତି କରାଯାଇଛି।




ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କୁ ଡାକି ଆଲୋଚନା କରୁଛନ୍ତି।

